ସକାଳ

ବନ୍ୟାରେ କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ଅଣଦେଖା କରାଯାଉଛି

ସମାବେଶରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ

ତିହିଡି,୨୫।୯(ସକାଳଖବର): ଗତ ପ୍ରଳୟଙ୍କରୀ ବନ୍ୟାରେ ଧାନ ଚାଷ ଠାରୁ ଆରମ୍ଭ କରି ପନିପରିବା, ମାଛ ଚାଷ ଏପରିକି ଘରଦ୍ୱାର ଭାଙ୍ଗି ନଷ୍ଟ ହୋଇଯାଇଛି। ତଳିଆ ଅଞ୍ଚଳରେ ଏଯାଏଁ ବନ୍ୟା ଜଳ ନିଷ୍କାସନ ହୋଇନଥିବାରୁ ରୁଆ ଧାନ ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଲାଣି। ବନ୍ୟା ଛାଡିବାର ୨୫ ଦିନ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷିତ ରିଲିଫ୍ ଲୋକଙ୍କ ପାଖରେ ପହଞ୍ଚି ପାରିଲା ନାହିଁ। ମୁଣ୍ଡ ଗୁଞ୍ଜିବା ପାଇଁ ଲୋକଙ୍କୁ ପଲିଥିନ୍‌ଟିଏ ମିଳିଲା ନାହିଁ। ବନ୍ୟା ସମୟରେ କାଁ ଭାଁ ୫ଶହରୁ ୬ ଶହ ଗ୍ରାମ ଚୂଡା ଦେଇ ବ୍ଲକ ପ୍ରଶାସନ ଚୁପ୍ ହୋଇ ବସିଛି। କେନ୍ଦ୍ରିୟ ପ୍ରତିନିଧି ଦଳକୁ ଲୋକେ ଚାହିଁ ବସି ଆଖିରୁ ପାଣି ମରିଗଲାଣି। ସମସ୍ତଙ୍କୁ ରିଲିଫ୍ ପ୍ରଦାନ କରିବାର ବ୍ୟବସ୍ଥା ରହିଥିବା ବେଳେ ଶାସକ ଦଳ ଦଳୀୟ ଭିତ୍ତିରେ ରିଲିଫ୍ ପ୍ରଦାନ କରୁଛି ବୋଲି ତିହିଡି ବ୍ଲକ ସମ୍ମୁଖରେ କଂଗ୍ରେସ ପକ୍ଷରୁ ସମାବେଶରେ କୁହାଯାଇଛି। ଗରିବ ଲୋକଙ୍କୁ ଅଧିକ ମାତ୍ରାରେ ଅବହେଳା କରାଯାଇଛି। କେତେକ ପଞ୍ଚାୟତରେ କଂଗ୍ରେସ କର୍ମୀଙ୍କୁ ରିଲିଫ୍ ମନା କରାଯାଉଛି। କରୋନା ପରିଚାଳନା ଆଳରେ ସରକାର ସାଧାରଣ ଲୋକଙ୍କୁ ବାଡେଇ ପିଟି ରାସ୍ତାଘାଟରୁ ଦୂରେଇ ଘରେ ପୂରେଇ ଦେଇ ସରକାରୀ ଧନକୁ ହରିଲୁଟ୍ କରାଯାଉଛି। ମାସ ଶେଷ ହେବାକୁ ବସିଲାଣି ଏଯାଏଁ ସାଧାରଣ ଭତ୍ତା ବଣ୍ଟନ କରାଯାଇ ପାରିଲା ନାହିଁ। ସରକାରଙ୍କ ପାଖରେ ପାଣ୍ଠି ସରିଗଲାଣି ବୋଲି କୁହାଯାଉଥିବା ବେଳେ ପ୍ରକୃତ ପାଣ୍ଠି ନେତାଙ୍କ ପାଖକୁ ଯାଉଛି ଏବଂ ଆଗାମି ନିର୍ବାଚନରେ ଟଙ୍କା ଖର୍ଚ୍ଚ କରି ଲୋକଙ୍କ ଠାରୁ ଭୋଟ ସଂଗ୍ରହ କରିବାର ଲକ୍ଷ୍ୟ ରଖାଯାଇଛି। ପ୍ରବାସୀଙ୍କୁ କାମଧନ୍ଦା ଯୋଗାଇ ଦେବାରେ ବିଫଳ ହେଉଥିବା ବେଳେ ରାଜ୍ୟରୁ ଦୈନିକ ହଜାର ହଜାର ଶ୍ରମିକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ୍ୟ ହେଉଛନ୍ତି ବୋଲି କୁହାଯାଇଛି। ସେହିପରି ଖଜୁରୀ ଗଛର କି ଗାଇବା ମୂଳରୁ ପାହାଚ ପାହାଚ ବୋଲି କହିଛି କଂଗ୍ରେସ। ମାଆକୁ ସମ୍ମାନ ଓ ଗାଁକୁ କାମ ନାରା ଦେଉଥିବା ରାଜ୍ୟ ସରକାର ନାରୀ ନିର୍ଯ୍ୟାତନ ରୋକିବାରେ ସକ୍ଷମ ହୋଇପାରିଲା ନାହିଁ। ଅନ୍ୟପଟେ ଗାଁ ଗଣ୍ଡାରେ ମାଟି ମୁଠେ ପକାଇ ଲକ୍ଷଲକ୍ଷ ଟଙ୍କା ଲୁଟିବାରେ ସିଦ୍ଧହସ୍ତ। ବନ୍ୟା ବାତ୍ୟା ସମୟରେ ଗରିବ ଲୋକଙ୍କ ପାଖରେ ଅଛୁ ବୋଲି କହୁଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅସଲ ଚେହେରା ଆଜି ପଦାରେ ପଡିଛି। ଏଯାଏଁ ବ୍ଲକ ହେଉ ବା ଜିଲ୍ଲା ପ୍ରଶାସନ ବନ୍ୟାଞ୍ଚଳ ଗସ୍ତ କରିଲେ ନାହିଁ। ରିଲିଫ୍ ଚାଉଳ ବସ୍ତାରେ ୫୦ କିଲୋଗ୍ରାମ ବଦଳରେ ଆସୁଛି ୪୨ରୁ ୪୪ କିଲୋଗ୍ରାମ। ଏପରି ଅନେକ ସମସ୍ୟା ରହିଛି ଯାହାକୁ ବ୍ଲକ ପ୍ରଶାସନ ଡାଙ୍କିଡୁଙ୍କି ଦେବାକୁ ଯାଉଛି। ବ୍ଲକ କଂଗ୍ରେସ ସଭାପତି ସରୋଜ କୁମାର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ସମାବେଶରେ ଜିଲ୍ଲା ସଭାପତି ତଥା ବାସୁଦେବପୁର ନିର୍ବାଚନ ମଣ୍ଡଳୀ ନେତା ଅଶୋକ କୁମାର ଦାସ, ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ନେତା ଦିଗମ୍ବର ଦାସ, ଧାମନଗର ନିର୍ବାଚନ ମଣ୍ଡଳୀ ନେତା ବିଧ୍ୟାଧର ଜେନା, ସୁଦର୍ଶନ ସ୍ୱାଇଁ, ମୀନକେତନ ସେନାପତି, ଉପସଭାପତି ପ୍ରଭାତ କୁମାର ରାଉଳ, ଜୟିରାମ ବାରିକ, ବାଇଧର ଘଡେଇ, କମଳାକାନ୍ତ ବେହେରା, ଅମର ବେହେରା, କୈଳାସ ମାଝୀ, ସାମ୍ୟ ପ୍ରକାଶ ନାୟକ, ଭାସ୍କର ନାଥ, ରବିନ୍ଦ୍ର ହୋତା, ରମାକାନ୍ତ ବାରିକ, କରୁଣାକର ମହାରଣା, ସୁରେନ୍ଦ୍ର ସାହୁ, ସେକ୍ ଅବଦୁଲ୍ଲା, ପଦ୍ମାବତୀ ଜେନା, ଲକ୍ଷ୍ମୀକାନ୍ତ ମହାପାତ୍ର, କାଳନ୍ଦି ପାଣ୍ଡବ, ଅଲ୍ଲୀବନ୍ଧୁ ବିଶ୍ୱାଳ, ବାବୁଲା ସାହାଣି, ଚୈତନ୍ୟ ସେଠୀ, ଦିଲ୍ଲୀପ ବିଶ୍ୱାଳ, ସୁରେଶ ମହାପାତ୍ର, ବିକ୍ରମ ଜେନା, ଶରତ ମଳିକ, ଗଣେଶ ମଳିକ, ଜଗନ୍ନାଥ ମଲ୍ଲିକ, ଚାରୁ ମହାପାତ୍ର, ମାନସ ପାତ୍ର ପ୍ରମୁଖ ଶତାଧିକ ଛାମୁଆ ନେତା ଉପସ୍ଥିତ ଥିଲେ। ଉକ୍ତ ସମାବେଶରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିବା ପରେ ଶେଷରେ ବିଡିଓ ବସନ୍ତ କୁମାର ସାହାଣିଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ସାନି ତଦନ୍ତ କରାଯାଇ ସମସ୍ତ ବିପନ୍ନଙ୍କୁ ରିଲିଫ୍ ଯୋଗାଇ ଦେବାକୁ ଦାବି କରାଯାଇଛି।

ପଥରରେ ଛେଚି ଯୁବକଙ୍କୁ ନିର୍ମମ ହତ୍ୟା

ଗଞ୍ଜାମ,୨୫।୯(ସକାଳଖବର): ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହରରେ ଜଣେ ଯୁବକଙ୍କୁ ପଥର ଓ ଇଟା ସାହାଯ୍ୟରେ ଛେଚି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରାଯାଇଥିବା ଜଣାପଡିଛି। ଗତକାଲି ରାତିରେ ବ୍ରହ୍ମପୁର ସହରର ରାଧାକୃଷ୍ଣ ସାହିରେ ସ୍ଥିତ ରାଧାକୃଷ୍ଣ ମନ୍ଦିରର ରୋଷେଇ ଘର ବାରଣ୍ଡାରେ କାଳିଆ ସାହୁ ନାମକ ଏହି ଯୁବକ ଶୋଇଥିବା ବେଳେ କେତେକ ଦୁର୍ବୃତ୍ତ ତାଙ୍କ ମୁଣ୍ଡ ଓ ଶରୀରର ଅନ୍ୟାନ୍ୟ ସ୍ଥାନକୁ ପଥର ଓ ଇଟାରେ ଛେଚି ଅତ୍ୟନ୍ତ ନୃଶଂସ ଭାବେ ହତ୍ୟା କରିଛନ୍ତି । ମନ୍ଦିରର ରାତ୍ର ଜଗୁଆଳୀ ନାରାୟଣ ସାହୁ ବିଳମ୍ବିତ ରାତିରେ ମନ୍ଦିର ଭିତରକୁ ଯାଇ ଯୁବକଙ୍କ ଶବ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ପଡିଥିବା ଦେଖିବାକୁ ପାଇଥିଲେ । ସେ ଏନେଇ ତୁରନ୍ତ ମନ୍ଦିର ଟ୍ରଷ୍ଟିଙ୍କୁ ଜଣାଇଥିଲେ । ଆଜି ସକାଳେ ବଡ଼ ବଜାର ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ବଡ଼ ବଜାର ଥାନା ପୋଲିସ ସାଇଂଟିଫିକ୍ ସହିତ ଘଟଣାସ୍ଥଳରେ ପହଂଚି ହତ୍ୟାକାଣ୍ଡର ଛାନଭିନ୍ ଆରମ୍ଭ କରିଛି । ଅଦ୍ୟାବଧି ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଥିଲେ ସୁଦ୍ଧା ଗତକାଲି ରାତିରେ କାଳିଆ କେତେକ ଯୁବକଙ୍କ ସହିତ ଗଞ୍ଜେଇ ଟାଣିଥିଲେ । ଏହାପରେ ସେମାନଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ଓ ପାଟିତୁଣ୍ଡ ହୋଇଥିଲା । ଏହାପରେ କାଳିଆ ମନ୍ଦିର ପାଚେରୀ ଡେ଼ଇଁ ମନ୍ଦିର ଭିତରେ ଥିବା ରୋଷେଇ ଘର ବାରଣ୍ଡାରେ ଶୋଇଥିଲେ । ତେବେ ବିଳମ୍ବିତ ରାତିରେ କିଛି ବ୍ୟକ୍ତି ତାଙ୍କୁ ହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଛି । ମୃତ ଯୁବକଙ୍କ ନିକଟରୁ କିଛି ଲୁଗାପଟା ସହିତ ଏକ ଗଞ୍ଜେଇ ଚିଲମକୁ ପୋଲିସ ଜବତ କରିଛି । ମୃତଦେହ ନିକଟରେ ଇଟା ପଥର ପଡିଥିବା ପୋଲିସ ଦେଖିବାକୁ ପାଇଛି । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇଛି । ବଡ଼ ବଜାର ଥାନା ପକ୍ଷରୁ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ ହୋଇଛି । ପୋଲିସ ଏନେଇ ଅଧିକ ତଦନ୍ତ ଚଳାଇଛି।

ଭୁବନେଶ୍ୱର ନାବାଳିକା ଗଣଦୁଷ୍କର୍ମ ମାମଲା

ତଦନ୍ତ ପରିସରଭୁକ୍ତ ହେବେ ଅଭିଯୁକ୍ତ ପୋଲିସ : କମିଶନର

ଭୁବନେଶ୍ୱର,୨୫।୯(ସକାଳଖବର):- ଭୁବନେଶ୍ୱର ଇନଫୋସିଟି ଅଂଚଳର ନାବାଳିକା ଗଣଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ପୋଲିସ କର୍ମଚାରୀ ମଧ ତଦନ୍ତ ପରିସରଭୁକ୍ତ ବୋଲି ପୋଲିସ କମିସନର୍ ସୁଧାଂଶୁ ଷଡ଼ଙ୍ଗୀ ଗୁରୁବାର ଦିନ କହିଛନ୍ତି। ସାମ୍ବାଦିକମାନଙ୍କ ପ୍ରଶ୍ନର ଉତରରେ ପୋଲିସ କମିସନର୍ କହିଲେ, ଘଟଣାର ସଠିକ ତଦନ୍ତ ଚାଲିଛି। ସତ ଓ ପ୍ରମାଣ ଜଣାପଡ଼ିଲେ ପଦକ୍ଷେପ ଗ୍ରହଣ କରାଯିବ। ସମ୍ପ୍ରତି ଯେ କୌଣସି ପ୍ରକାରର ମନ୍ତବ୍ୟ ତଦନ୍ତ ପ୍ରକ୍ରିୟାରେ ବାଧା ସୃଷ୍ଟି କରିପାରେ। ସମୟ ଆସିଲେ ଆମେ ଅଦାଲତ ଏବଂ ସମ୍ପୃକ୍ତ କର୍ତୃପକ୍ଷଙ୍କୁ ତଦନ୍ତରୁ ପ୍ରାପ୍ତ ଫଳାଫଳ ବିଷୟରେ ଜଣାଇବୁ ବୋଲି ସେ କହିଛନ୍ତି।

ଜୀବନକୁ ବାଜି ଲଗାଇ ଭରା ନଈ ପାର ହେଉଛନ୍ତି ଅଙ୍ଗନବାଡି ଦିଦି

ମାଲକାନଗିରି,୨୫।୯(ସକାଳଖବର): ଜୀବନକୁ ବାଜି ଲଗେଇ ଭରା ନଈଁ ପାର ହୋଇ ଲୋକଙ୍କୁ ସେବା ଯୋଗାଇବାକୁ ଯାଉଥିବା ଦୁଇ ଅଙ୍ଗନବାଡି ଦିଦିଙ୍କ ଅଧମ ସାହସ ଯାହା ସେମାନଙ୍କୁ ପ୍ରଶଂସା ପାତ୍ର କରିଛି ।ମାଲକାନଗିରିଜିଲ୍ଲାର ସବୁଠାରୁ ଦୁର୍ଗମ ତଥା ଅପହଂଚ ଅଂଚଳ ମଧରେ ଚିତ୍ରକୋଣ୍ଡା ବ୍ଲକ ରାଲେ ଗାଡ଼ା ପଂଚାୟତ ।ଯାହାକି ବର୍ଷା ଦିନରେ ଏହି ପଂଚାୟତ ର ବିଭିନ୍ନ ଗ୍ରାମ ବିଛିନ୍ନ ହୋଇଯାଏ। ସୁଆପାଲି,ନେରୁଡ଼ି ପାଲି ର ଦୁଇ ଅଙ୍ଗନବାଡି ହେମଲତା ଶୀଶା ଓ ପ୍ରମିଳା ପାନେଲ ଦୁଇ କର୍ମୀମାନେ ପ୍ରଖର ସ୍ରୋତ ଓ ଗଭୀରନାଳକୁ ଖାତିର ନକରି ଲୋକଙ୍କ ସାହାଯ୍ୟରେ ଲାଉ ତୁମ୍ବା ମାଧମରେ ନାଳ ପାର ହୋଇ ଅଙ୍ଗନବାଡି ସେଂଟରରେ ପହଂଚି ଥିଲେ।

ଗଞ୍ଜାମରେ କୋଭିଡ଼୍ ସଚେତନତା ସପ୍ତାହ ପାଳିତ

ଗଞ୍ଜାମ, ୨୫।୯(ସକାଳଖବର): ଗଞ୍ଜାମ ଜିଲ୍ଲାରେ ଆଜିଠୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ କୋଭିଡ୍ ସଚେତନତା ସପ୍ତାହ ପାଳନ କରାଯାଉଛି । ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସୂଚନା ଅନୁଯାୟୀ, ଏହି ସପ୍ତାହ ପାଳନର ଆଭିମୁଖ୍ୟ ହେଲା କୋଭିଡ୍ ସଚେତନତା କାର୍ଯ୍ୟକୁ ବ୍ୟାପକ କରିବା ଓ ସମସ୍ତେ ଯେପରି ସତର୍କତା ଅବଲମ୍ବନ କରିବେ ସେ ଦିଗରେ ପଦକ୍ଷେପ ନେବା । ବର୍ତମାନ ସମୟରେ ଜିଲ୍ଲାରେ କରୋନା ସଂକ୍ରମଣ କମି ଆସିଛି ସତ, କିନ୍ତୁ ଏହା ସମ୍ପୂର୍ଣ୍ଣ ରୂପେ ଲୋପ ହୋଇନାହିଁ । ଆଗାମୀ ଅକ୍ଟୋବର ମାସ ଜିଲ୍ଲାବାସୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଦୃଷ୍ଟିରେ ରଖି କୋଭିଡ୍ ସଚେତନତା ସପ୍ତାହ ପାଳନ ଅବସରରେ ଘରକୁ ଘର ବୁଲି କରୋନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି । ସ୍ୱେଚ୍ଛାସେବୀ ଓ ଜନପ୍ରତିନିଧି ମାନେ ଏ ଦିଗରେ କାର୍ଯ୍ୟ କରୁଛନ୍ତି। କୋଭିଡ୍ ସପ୍ତାହ ପାଳନ ଅବସରରେ ସମସ୍ତ ପଚାଂୟତ, ବ୍ଲକ୍, ବିଜ୍ଞାପିତ ଅଂଚଳ ଓ ସହରାଚଂଳରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଉଛି । ସମସ୍ତ ଜନ ପ୍ରତିନିଧି ମାନଙ୍କୁ ଅନ୍ତର୍ଭୁକ୍ତ କରି ଜିଲ୍ଲାର ସମସ୍ତ ଗ୍ରାମାଚଂଳ ଓ ସହରାଚଂଳରେ କୋଭିଡ୍ ମନିଟର୍ ସହ ବିଡ଼ିଓ ଓ ସମସ୍ତ କୋଭିଡ୍ ସଖୀଙ୍କ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ ଜରିଆରେ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଯାଉଛି । ପୂର୍ବପରି ସ୍ୱାସ୍ଥ୍ୟ ଅଧିକାରୀ, ଶିକ୍ଷକ, ସ୍ୱୟଂ ସହାୟିକା ଗୋଷ୍ଠୀ, ଆଶାକର୍ମୀ ଟିମ୍ ଘରକୁ ଘର ବୁଲି ଲୋକଙ୍କ ସ୍କ୍ରିନିଂ କରୁଛନ୍ତି । ସମସ୍ତଙ୍କର ଲକ୍ଷଣ ଓ ଅକ୍ସିଜେନ୍ ସ୍ତର ପରୀକ୍ଷା କରାଯାଉଛି। କୋଭିଡ୍ ନିରାକରଣ ପାଇଁ ସହରାଚଂଳ ଓ ଗ୍ରାମାଚଂଳ ଜନସାଧାରଣଙ୍କୁ ବିଭିନ୍ନ ସ୍ଥାନରେ ଶପଥ ପାଠ ମଧ କରାଯାଇଛି ।

ନବମ ଶ୍ରେଣୀ ଛାତ୍ରୀକୁ ଦୁଷ୍କର୍ମ ଅଭିଯୋଗରେ ଥାନାରେ ଏତଲା

ଜୟପୁର, ୨୫।୯(ସକାଳଖବର): କୋରାପୁଟ ଜିଲ୍ଲା ଜୟପୁରରେ ଜଣେ ନବମ ଶ୍ରେଣୀ ଛାତ୍ରୀକୁ କୋଚିଂ ସେଂଟରରେ ଶିକ୍ଷକ ଜଣକ ଦୁଷ୍କର୍ମ କରିଥିବା ନେଇ ଟାଉନ ଥାନାରେ ଏତଲା ଦାଏର ହୋଇଛି । ଅଭିଯୋଗ ପାଇ ପୋଲିସ ଏ ସଂକ୍ରାନ୍ତରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଶିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କୁ ଥାନାରେ ଅଟକ ରଖିଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ମୟୁରଭଞ୍ଜର ଏହି ନାବାଳିକା ଜଣକ ଜୟପୁରସ୍ଥିତ ନିଜ ମାମୁଁ ଘରେ ରହି ନବମ ଶ୍ରେଣୀରେ ପଢୁଥିଲେ । ନାବାଳିକା ଜଣକ ରାଜୁ ସାହିରେ ଥିବା ଶାରଦା କୋଚିଙ୍ଗ ସେଂଟରରେ ଟ୍ୟୁସନ ହେଉଥିଲେ । କରୋନା ଲକ୍ ଡାଉନ ପାଇଁ କୋଚିଙ୍ଗ ସେଂଟର ବନ୍ଦ ରହିଥିବା ବେଳେ ଅନ୍ ଲାଇନରେ ପାଠ ପଢାଯାଇ ପରୀକ୍ଷା ମଧ କରାଯାଉଥିଲା । ସବୁ ମାସ ପରି ଚଳିତ ମାସ ମଧ ୧୯ ତାରିଖରୁ ୨୨ ତାରିଖ ଯାଏ ପରୀକ୍ଷା ହୋଇଥିଲା । ପରୀକ୍ଷା ପରେ ଉତର ଖାତାକୁ କୋଚିଙ୍ଗ ସେଂଟରରେ ଦାଖଲ କରିବାକୁ ନିୟମ ରହିଥିଲା । ସେହି ନିୟମ ଅନୁଯାଇ ଛାତ୍ରୀ ଜଣକ ଗତ ୨୨ ତାରିଖରେ କୋଚିଙ୍ଗ ସେଂଟରକୁ ଯାଇ ଉତର ଖାତା ଭୂଗୋଳ ଶିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କୁ ଦେଇଥିଲେ । କୋଚିଙ୍ଗ ସେଂଟରରେ କେହି ନଥିବାର ସୁଯୋଗ ନେଇ ଶିକ୍ଷକ ଶ୍ରୀ ପଣ୍ଡା ପଛପଟ କବାଟ ଦେବାକୁ କହି ଛାତ୍ରୀ ଜଣଙ୍କୁ ଦୁଷ୍କର୍ମ କରିଥିଲେ । ଏନେଇ ନାବାଳିକା ଜଣକ ମାମୁଁ ଘରେ କିଛି ନ କହି ତାଙ୍କ ବାପା ମାଙ୍କୁ ଫୋନ୍ ଯୋଗେ କହିଥିଲେ । ନାବାଳିକା ଜଣକ ଭୟବିତ ହୋଇ ରହିଥିବା ବେଳେ ପରେ ମାମୁଁ ଘର ଲୋକେ ଏ ସମ୍ପର୍କରେ ଜାଣି ଟାଉନ ଥାନାରେ ୨୩ ତାରିଖ ରାତ୍ରରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୋଲିସ ମାମଲା ରୁଜୁ କରି କୋଚିଙ୍ଗ ସେଂଟର ଯାଇ ତଦନ୍ତ କରି ଫେରିଛି । ଏହି ଘଟଣା ପରେ ଛାତ୍ରୀ ଓ ଶିକ୍ଷକଙ୍କ ପବିତ୍ର ସମ୍ପର୍କରେ ଲାଗିଛି ଦାଗ । ଏପରି ଅଭିଯୋଗ ସମ୍ପୃକ୍ତ ଶିକ୍ଷକଙ୍କ ନାମରେ ଆଗରୁ ମଧ ରହିଥିବା ନେଇ ପୋଲିସ ସୂଚନା ଦେଇଛି । ଛାତ୍ରୀ ଓ ଶିକ୍ଷକଙ୍କ ଡାକ୍ତରୀ ମାଇନା କରିବା ପରେ ଶିକ୍ଷକଙ୍କୁ ଗିରଫ ସହ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରି ବାଲେଶ୍ୱର ଗିଧି ସୂଚନା ଦେଇଛନ୍ତି ।

ଅଗ୍ନିକାଣ୍ଡରେ ଦୁଇ ବଖରା ଭସ୍ମ

ଭଣ୍ଡାରିପୋଖରୀ,୨୫।୯(ସକାଳଖବର) ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ପଞ୍ଚାୟତ ମୋବାରକପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦୁଇବଖରା ଚାଳଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି। ଗ୍ରାମର ଭାସ୍କର ଚନ୍ଦ୍ର ସ୍ୱାଇଁ ଓ ପରିବାର ସଦସ୍ୟ ବୁଧବାର ରାତିରେ ଖାଇପିଇ ଶୋଇସାରିବା ପରେ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ବିଳମ୍ବିତ ରାତ୍ରୀ ଅଗ୍ନିକାଣ୍ଡ ଘଟି ଭାସ୍କରଙ୍କ ରୋଷେଇ ଘର ସମେତ ଗୁହାଳ ପୋଡି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡ ଯୋଗୁ କୌଣସି ଗୋରୁ ଗାଈ ଆହତ ହୋଇନଥିବାବେଳେ ଅନ୍ୟାନ୍ୟ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଥିବା ସୂଚନା ଦିଆଯାଇଛି। ଦୁର୍ଘଟଣା ସମ୍ପର୍କରେ ଖବରପାଇ ଭଣ୍ଡାରିପୋଖରୀ ଦମକଳ ବାହିନୀ ଗ୍ରାମରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା ।

ନୂତନ ଜିଲାପାଳଙ୍କ ବଡଚଣା ବ୍ଲକ ପରିଦର୍ଶନ

ଧର୍ମଶାଳା,୨୫।୯(ସକାଳଖବର): ନୂତନ ଭାବେ ଯୋଗଦେଇଥିବା ଯାଜପୁର ଜିଲାପାଳ ଚକ୍ରବର୍ତି ସିଂ ରାଠୋର କାର୍ଯ୍ୟରେ ଯୋଗଦେବା ପରେ ପ୍ରଥମ କରି ବଡଚଣା ଗ୍ରସ୍ତରେ ଆସି ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟରେ ସମୀକ୍ଷା କରିଥିଲେ। ପରେ ଖଇରା ପଂଚାୟତର ଖଇରା ଗ୍ରାମରେ ଥିବା ହାଟୁଆ ପୋଖରୀ ବୁଲି ଦେଖିଥିଲେ। ସୂଚନା ଥାଉକି ଏହି ପୋଖରୀକୁ ପୁନଃଉଦ୍ଧାର କରି ଦ୍ୱିତୀୟ କୁସୁମା ଭାବେ ନିର୍ମାଣ କରିବାକୁ ସରପଂଚ ହରପ୍ରୀୟା ବରାଳ ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ପ୍ରସ୍ତାବ ଦେଇଥିଲେ। ଏଠାରେ ପର୍ଯ୍ୟଟକମାନଙ୍କ ପାଇଁ ରେଷ୍ଟୁରାଟ ଓ ପାର୍କ କରାଯିବ ବୋଲି ଜିଲାପାଳ ଘୋଷଣା କରିଛନ୍ତି। ଜିଲାପାଳ ଭୁଷୁଣ୍ଡପୁର ପଂଚାୟତର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିବା ସରପଂଚ ଯଯାତି କେଶରୀ ରାଉତ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି,ସରପଂଚ ହରପ୍ରୀୟା ବରାଳ,ଯୁବନେତା ଗଣେଶ୍ୱର ବରାଳ,ସରପଂଚ ସଂଘ ସଭାପତି ଆଶିଷ ରଂଜନ ଚୌଧୁରୀ, ସମାଜସେବୀ ବିନୟ କୁମାର ପୃଷ୍ଟି,ନାଏବ ସରପଂଚ ସୁଧାଂଜନ ପୃଷ୍ଟିଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତଥିଲେ।

ବିଡିସିଡିଏ ପକ୍ଷରୁ ମୃତକ ପରିବାରକୁ ଆର୍ଥିକ ସହାୟତା

ତିହିଡି. ୨୫।୯(ସକାଳଖବର): ଭଦ୍ରକ ଜିଲ୍ଲା କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନ ତିହିଡି ଜୋନ୍ ପକ୍ଷରୁ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଥିବା ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମୃତକ ବିବେକାନନ୍ଦ ଦାସ ଜଣେ ସଫଳ ଦୋକାନୀ ଥିଲେ। ତାଙ୍କ ମୃତ୍ୟୁରେ ଆସୋସିଏସନ ପକ୍ଷରୁ ସମବେଦନା ଜ୍ଞାପନ କରିବା ସହିତ ଏକାଦଶାହ କ୍ରିୟାରେ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଜଣାଯାଇଛି। ଧିରେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଭଦ୍ରକ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନ ତିହିଡି ଜୋନର କର୍ମକର୍ତ୍ତାମାନେ ମୃତକ ପରିବାରକୁ ଭେଟି ବିବେକାନନ୍ଦ ଦାସଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଏହି ସହାୟତା ରାଶି ପ୍ରଦାନ କରାଯାଇଥିବା ଜଣାଯାଇଛି।

ଗୁଣୁପୁର ଉପଜିଲ୍ଲାପାଳଙ୍କ ଦ୍ୱାରା ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟତା

ଗୁଣୁପୁର, ୨୫।୯(ସକାଳଖବର): ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ ନୂଆଗାଁ ଠାରେ ଓଡ଼ିଶାର ପ୍ରଥମ ୨୦୦ ଅଣ୍ଡା ପ୍ରଦାନକାରୀ କୁକୁଡ଼ା ଫାର୍ମକୁ ଗୁଣୁପୁର ନୂତନ ଉପଜିଲ୍ଲାପାଳ ଶ୍ରୀ ଜେ ସୋନାଲଙ୍କ ଦ୍ୱାରା ଉଦଘାଟିତ ହୋଇ ଯାଇଛି । ଏହା ରାଜ୍ୟରେ କରୋନା ସମୟରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ କୁକୁଡ଼ା ପାଳନ ନିମନ୍ତେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଦ୍ୱାରା ପ୍ରୋତ୍ସାହନ ଓ ସହାୟତା ଅଟେ । ଡିପ୍ ଲିଟର ମାଧ୍ୟମରେ ୨୦୦ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା ବାବଦରେ ୨ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ସହ ୩୦୦ କୁକୁଡ଼ା ଚିଆଁ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଇଛି । ଗୁଣପୁର ବ୍ଲକ ନୂଆଗାଁ ରେ ଓଡ଼ିଶା ର ପ୍ରଥମ ଫାର୍ମ ଉଦ୍ଘାଟନ କରାଯାଇଛି । ଏହି ଉଦ୍ଘାଟନରେ ପ୍ରାଣୀସମ୍ପଦ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ଚୋରା ବିଦେଶୀ ମଦ ଜବତ

କୋରେଇ,୨୫।୯(ସକାଳଖବର): ଜିଲ୍ଲା ପୁଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଦ୍ୱାରା ସଠିପୁରରୁ ଚୋରା ବିଦେଶୀ ମଦ ଜବତ ହେବା ସହ ବେପାରୀକୁ ଗିରଫ କରାଯାଇଛି । ଜିଲ୍ଲା ପୁଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜିଲ୍ଲାର ବିଭିନ୍ନ ଥାନା ଅଂଚଳରୁ ବ୍ରାଉନସୁଗାର ଓ ଗଂଜେଇ ଧରିବା ପରେ ଏବେ ଚୋରା ମଦ ବୋରୀଙ୍କ ଉପରେ ନଜର ପକାଇଛି । ବୁଧବାର ରାତ୍ରୀରେ ସଠିପୁରରେ ଚୋରା ମଦ ବେପାରର ଖବର ପାଇ ଚଢାଉ କରିବା ସମୟରେ ସଠିପୁରର ଶଙ୍କର୍ଷଣ ତରାଇ ପୁଅ ସୁରେନ୍ଦ୍ର ତରାଇଙ୍କୁ ଧରିଥିଲେ । ତା ନିକଟରୁ ୩୧ ବୋତଲ ବିଦେଶୀ ମଦ ଜବତ କରିବା ପରେ ପାଣିକୋଇଲି ପୁଲିସକୁ ହସ୍ତାନ୍ତର କରିଥିଲେ । ଏନେଇ ଏକ ମାମଲା ୨/୨୦ ରୁଜୁ କରାଯାଇ ସୁରେନ୍ଦ୍ରକୁ ଆଜି ୫୨(ଏ)ଓଡିଶା ଏକ୍ସସାଇଜ ଆକ୍ଟରେ କୋର୍ଟ ଚାଲାଣ କରାଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

୩ଟି ପର୍ଯ୍ୟାୟରେ....

ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହେବ ଅବଶ୍ୟ, ଏହା ବାମପନ୍ଥୀ ପ୍ରଭାବିତ ଅଞ୍ଚଳରେ ପ୍ରଯୁଜ୍ୟ ହେବ ନାହିଁ ବୋଲି କହିଛନ୍ତି ନିର୍ବାଚନ କମିଶନର ।
ନିର୍ବାଚନ ପାଇଁ ୭ଲକ୍ଷରୁ ଅଧିକ ହ୍ୟାଣ୍ଡ ସାନିଟାଇଜର, ପ୍ରାୟ ୪୬ ଲକ୍ଷ ମାସ୍କ, ୬ଲକ୍ଷ ପିପିଇ କିଟ୍, ୬.୭ଲକ୍ଷ ୟୁନିଟ୍ ଫେସଶିଲ୍ଡ, ୨୩ଲକ୍ଷ ହ୍ୟାଣ୍ଡ ଗ୍ଲୋଭସ୍ ର ବ୍ୟବସ୍ଥା କରାଯାଇଛି ବିଶେଷ ଭାବରେ ଭୋଟରଙ୍କ ପାଇଁ ୭.୨କୋଟି ଏକକ ବ୍ୟବହାର ହ୍ୟାଣ୍ଡ ଗ୍ଲୋଭସ୍ ବ୍ୟବସ୍ଥା କରାଯାଇଛିଛ ଏହା ସହ ମତଦାନର ଶେଷ ଘଣ୍ଟାରେ, କରୋନା ପୀଡିତମାନେ ସେମାନଙ୍କର ଭୋଟ୍ ଦେବାକୁ ସମର୍ଥ ହେବେ, ଯେଉଁଥିପାଇଁ ପୃଥକ ବ୍ୟବସ୍ଥା କରାଯିବ ।

ତୁଷାରକାନ୍ତି ବେହେରା ...

ସଂଜୟ କୁମାର ଦାସବର୍ମା ଶୁକ୍ରବାର ଦିନ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏସମ୍ପର୍କରେ ଶ୍ରୀ ଦାସବର୍ମା ସୋସିଆଲ ମିଡିଆ ମାଧ୍ୟମରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସେ ଏବେ ପୃଥକବାସରେ ରହିଛନ୍ତି । ଏଣୁ ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ତାଙ୍କର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମ ବାତିଲ ହୋଇଛି । ଶ୍ରୀ ଦାସବର୍ମା ନିକଟ ଅତୀତରେ ତାଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କୁ ପୃଥକବାସରେ ରହିବା ପାଇଁ ଅନୁରୋଧ କରିଛନ୍ତି ।

୨ ଲକ୍ଷ....

ଜିଲ୍ଲାରେ ୭୨ ଜଣ, ମାଲକାନଗିରି ଜିଲ୍ଲାରେ ୬୧ , ମୟୁରଭଂଜ ଜିଲ୍ଲାରେ ୧୫୪ ନବରଙ୍ଗପୁରରେ ୧୩୧, ନୟାଗଡ ଜିଲ୍ଲାରେ ୫୨, ନୂଆପଡା ଜିଲ୍ଲାରେ ୧୭୫, ପୁରୀ ଜିଲ୍ଲାରେ ୧୯୯, ରାୟଗଡା ଜିଲ୍ଲାରେ ୬୧, ସମ୍ବଲପୁର ଜିଲ୍ଲାରେ ୧୩୧ ,ସୋନପୁର ଜିଲ୍ଲାରେ ୨୬ ତଥା ସୁନ୍ଦରଗଡ ଜିଲ୍ଲାରେ ୮୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ପୁଲରେ ୨୨୪ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।
ରାଜ୍ୟରେ ପୁଣି ୧୬ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୭୬୭ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।
ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାର ୪ ଜଣ, ପୁରୀ ଜିଲ୍ଲାର ୩ ଜଣ ତଥା ମୟୁରଭଂଜ ଜିଲ୍ଲାର ୨ ଜଣ ଅଛନ୍ତି । ସେହିପରି ଅନୁଗୁଳ, ବଲାଙ୍ଗୀର,କଟକ, କନ୍ଧମାଳ, କେନ୍ଦ୍ରାପଡା ତଥା ରାୟଗଡା ଜିଲ୍ଲାର ଜଣେ ଜଣେ ଅଛନ୍ତି ।
ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତ ପୁରଷ ମୃତ୍ୟୁବରଣ କରିଛନ୍ତି । ବଲାଙ୍ଗୀର ଜିଲ୍ଲାର ଜଣେ ୬୭ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ ।
ଭୁବନେଶ୍ୱରର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୭୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୬୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୬୩ ବର୍ଷ ବୟସ୍କ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି ।
କଟକ ଜିଲ୍ଲାର ଜଣେ ଜଣେ ୭୨ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ ଓ କ୍ରନିକ କିଡନି ରୋଗରେ ପୀଡିତଥିଲେ । ସେହିପରି କେନ୍ଦ୍ରାପଡା ଜିଲ୍ଲାର ଜଣେ ୮୧ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । କନ୍ଧମାଳ ଜିଲ୍ଲାରେ ଜଣେ ୫୦ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ ।
ମୟୁରଭଂଜ ଜିଲ୍ଲାର ଜଣେ ୪୫ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାର ଜଣେ ୫୯ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ପୁରୀ ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୮୪ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ରାୟଗଡା ଜିଲ୍ଲାର ଜଣେ ୫୬ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

ଦିନକୁ ସାଢ଼େ....

ପ୍ରଶ୍ନକାଳ ରହିବ ନାହିଁ ବୋଲି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଶୁକ୍ରବାର ଅନୁଷ୍ଠିତ ସର୍ବଦଳୀୟ ବୈଠକ ପରେ ସୂଚନା ଦେଇଛନ୍ତି । ଅପରପକ୍ଷରେ ଅଧିବେଶନ ଆଗରୁ ବିଧାୟକ, ବିଧାନସଭା କର୍ମଚାରୀ, ଷ୍ଟାଫ୍ ଡ୍ରାଇଭର ଓ ପିଏସଓମାନଙ୍କର କୋଭିଡ ପରୀକ୍ଷା କରାଯିବ । ଆସନ୍ତାକାଲି (ଶନିବାର)ସକାଳ ୮ଟାରୁ କୋଭିଡ ପରୀକ୍ଷା ଆରମ୍ଭ ହେବ ବୋଲି ବାଚସ୍ପତି କହିଛନ୍ତି । କରୋନା କଟକଣା ଭିତରେ କିପରି ଗୃହ ପରିଚାଳନା ହେବ ସେନେଇ ଶୁକ୍ରବାର ଦିନ ବାଚସ୍ପତିଙ୍କ ଅଧକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ, ଅର୍ଥମନ୍ତ୍ରୀ, ବିରୋଧୀ ଦଳ ନେତା ଓ କଂଗ୍ରସ ବିଧାୟକ ଦଳ ନେତା ସାମିଲ ହୋଇଥିଲେ। ଗୃହରେ ୧୪୫ ଜଣ ବିଧାୟକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି । ତଳମହଲାରେ ବାଚସ୍ପତି ଗ୍ୟାଲେରୀ ଏବଂ ଦର୍ଶକ ଗ୍ୟାଲେରୀରେ ବିଧାୟକଙ୍କ ବସିବା ପାଇଁ ବ୍ୟବସ୍ଥା କରାଯିବ । ବିଧାୟକମାନେ ବସିକି ପ୍ରଶ୍ନ ପଚାରି ପାରିବେ ଏବଂ ମନ୍ତ୍ରୀମାନେ ମଧ ବସିକରି ଉତର ଦେବେ। ଯେଉଁ ବରିଷ୍ଠ ବିଧାୟକ ବିଧାନସଭାକୁ ଆସିନପାରିବେ, ସେମାନେ ଲିଖିତ ଆକାରରେ ଦେଲେ ଜିଲ୍ଲାପାଳଙ୍କ ଭିଡିଓ କନ୍‌ଫରେନ୍ସ ହଲ୍‌ରେ ବ୍ୟବସ୍ଥା କରାଯିବ।
ଉଲ୍ଲେଖ୍ୟଯୋଗ୍ୟ ଯେ ଆସନ୍ତା ୨୯ ତାରିଖରୁ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ବିଧାନସଭାର ମୌସୁମୀକାଳୀନ ଅଧିବେଶନ ଅନୁଷ୍ଠିତ ହେବ। ଏଥିରେ ମୋଟ ୮ଟି କାର୍ଯ୍ୟ ଦିବସ ରହିଥିବା ବେଳେ ରବିବାର ଦିନ ମଧ୍ୟ ଗୃହ କାର୍ଯ୍ୟ ଚାଲିବ ।

ବିଜେଡିର ....

ଭଗବାନ ସାହୁ, କଟକ ପାଇଁ ସ୍ମୃତି ରଞ୍ଜନ ଦାଶ, ଗଂଜାମ ପାଇଁ ଜ୍ୟୋତି ରଞ୍ଜନ ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ସମ୍ବଲପୁର ପାଇଁ ମିଳନ ହୋତା, ବଲାଙ୍ଗିର ପାଇଁ ଚିରାଗ ସିଂ ଦେଓ, କୋରାପୁଟ ପାଇଁ ଶିବରାଜ ଖଣ୍ଡପାଣିଙ୍କୁ ଦାୟିତ୍ୱ ଦିଆଯାଇଛି । ୧୧ ଜଣ ଉପସଭାପତି, ୪୦ ସାଧାରଣ ସମ୍ପାଦକଙ୍କୁ ଦଳ ଦାୟିତ୍ୱ ଦେଇଛି । ସେହିଭଳି ୪୪ ଜଣ ସମ୍ପାଦକ ଓ ୩୩ ଜଣ ଯୁଗ୍ମ ସମ୍ପାଦକଙ୍କୁ ମଧ ନିଯୁକ୍ତି ମିଳିଛି । ୩୨ ସାଂଗଠନିକି ଜିଲ୍ଲା ପାଇଁ ନୂଆ ସଭାପତିଙ୍କୁ ଦିଆଯାଇଛି ଦାୟିତ୍ୱ ।

ଟିର୍ତ୍ତୋଲରେ ମହାନଦୀ....

ଅଂଚଳର ଗମନାଗମନ, ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ସମୟୋଚିତ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ସେତୁ ନିର୍ମାଣ କରାଗଲେ ଜିଲ୍ଲାର ବହୁ ପଂଚାୟତ/ଗ୍ରାମ ଯଥା ଅଇନ୍ତ, ଗୋପାଳପୁର, କନିମୁଳ, ବିଷନପୁର, କ୍ରିଷ୍ଣାନନ୍ଦପୁର, ପୋଷକ, ବିଜିପୁର, ସରଳପୁର, ତେନ୍ତୁଳିପଡ଼ା ଇତ୍ୟାଦି ଗ୍ରାମମାନଙ୍କରେ ବସବାସ କରୁଥିବା ପାଖାପାଖି ୫୦ ହଜାର ଜନସାଧାରଣ ଉପକୃତ ହେବେ । ଟେଣ୍ଡର ପ୍ରକ୍ରିୟା ସମାପ୍ତ ହେବା ପରେ ଏହି କାର୍ଯ୍ୟଟିକୁ ଆରମ୍ଭ କରାଯିବ ।

ଓଡ଼ିଶୀ ସଙ୍ଗୀତ....

ଚିତ୍ରକର ଏବଂ ନୃତ୍ୟନିର୍ଦ୍ଦେଶକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରେ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ତେଣୁ, ଓଡ଼ିଶାର ଐତିହ୍ୟକୁ ସମ୍ମାନ ପ୍ରଦାନପୂର୍ବକ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିବା ଲାଗି ବିଚାର କରିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।